ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩


**ସପ୍ତାହ ସଂଖ୍ୟା -୧୨**


**Deepanjali Dugal,**
**Jr. Agrometeorologist**



**ବୁଲେଟିନ ନମ୍ବର :୨୪**
**ତାରିଖ : ୨୨.୦୩.୨୦୨୪**
**(ଶୁକ୍ରବାର)**


# ଢେଙ୍କାନାଳ ଜିଲ୍ଲା

## ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୬.୦୩.୨୦୨୪ ରୁ ୨୨.୦୩.୨୦୨୪)

| | |
|---|---|
| ବୃଷ୍ଟିପାତ (ମି.ମି.) | ୬୮.୬ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୮.୮-୩୭.୬ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୬.୧-୨୫.୭ |

## ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 23-03-2024 | 0 | 35 | 21 | 0 | 86 | 21 | 8 | 161 |
| 24-03-2024 | 0 | 35 | 21 | 0 | 77 | 17 | 10 | 191 |
| 25-03-2024 | 0 | 36 | 21 | 4 | 79 | 16 | 11 | 165 |
| 26-03-2024 | 0 | 36 | 21 | 6 | 76 | 16 | 10 | 160 |
| 27-03-2024 | 0 | 37 | 22 | 2 | 66 | 17 | 10 | 154 |

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି । ଆକାଶ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୮-୧୧ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୫°c-୩୭°c ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୧°c-୨୨°c ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୬ ରୁ ୮୬ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୬ ରୁ ୨୧ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ଧାନ ଜମିରେ ହୁଡା ବାନ୍ଧି ଅତ୍ୟଧିକ ବର୍ଷା ପାଣିକୁ ସଂରକ୍ଷଣ କରି ରଖନ୍ତୁ ।
- ପନିପରିବା ଡଳିଘେରା ଏବଂ ଅଣଧାନ ଫସଲରୁ ମାତ୍ରାଧିକ ଜଳ ନିଷ୍କାସନ କରନ୍ତୁ ।
- ବର୍ଷା ଛାଡିଯିବା ପରେ ମାଟିର ଆଦ୍ରତାକୁ ବିନିଯୋଗ କରି ଖରାଟିଆ କାକୁଡି ଓ କଖାରୁ ଜାତୀୟ ପନିପରିବା ବୁଣାବୁଣି ଆରମ୍ଭ କରନ୍ତୁ ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳ ଶଢା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl + Mancozeb କିମ୍ୱା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।

**ଧାନ(ଡାଲୁଅ):**

**<u>ବୀଜାଣୁ ଜନିତ ପତ୍ରପୋଡା</u>**

- ବର୍ତମାନ ଧାନ ଫସଲରେ ବୀଜାଣୁ ଜନିତ ପତ୍ରପୋଡା ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ପ୍ରତିକାର ପାଇଁ ପ୍ରଥମେ ଆକ୍ରାନ୍ତ ଧାନ କିଆରିରେ ପାଣି ଜମି ରହୁଥିଲେ ପାଣି କାଟି ଦିଅନ୍ତୁ । ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ। ରୋଗ ଲାଗିଥିବା ସମୟରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ । ଏକର ପ୍ରତି ୬-୮ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Copper Hydroxide ନାମକ ଔଷଧ କିମ୍ୱା ୨୦୦ଗ୍ରାମ Plantomycin ସହିତ ୬୦୦ଗ୍ରାମ Copper Oxy Chloride ନାମକ ଔଷଧ, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**<u>ପତ୍ରମୋଡା ପୋକ</u>**

- ବର୍ତମାନ ପାଗରେ ଧାନ ଫସଲରେ ପତ୍ରମୋଡା ପୋକ ଲାଗିବାର ସମ୍ଭାବନା ଅଛି । ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି ଫିପ୍ରୋନୀଲ (Fipronil) ନାମକ କୀଟନାଶକ କିମ୍ୱା ୪୦୦-ମିଲି ପ୍ରୋଫେନୋଫସ (Profenophos) ନାମକ କୀଟନାଶକ କିମ୍ୱା ୬୦-ମିଲି କ୍ଲୋରାନଟ୍ରାନିପ୍ରୋଲ (Chlorantraniliprole) ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଆଖୁ**

ସଅଳ କାଣ୍ଡ ବିନ୍ଧା ପୋକ ଆକ୍ରମଣ ଅଧିକ ଦେଖା ଦେଲ ଏକର ପ୍ରତି ୬୦୦ ମିଲି Fipronil ନାମକ କୀଟନାଶକ କିମ୍ୱା ୪୦୦ ମିଲି Profenophos ନାମକ କୀଟନାଶକ କିମ୍ୱା ୧୫୦- ମିଲି Chlorantraniliprole ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**ଚିନାବାଦାମ**

**ଧୂଆଁ ପତ୍ର ଗୋଟି ପୋକ-**

ବର୍ତମାନ ଚିନାବାଦାମରେ ଧୂଆଁ ପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ Profenophos 50% EC @ ୪୦୦ ମିଲି କିମ୍ଵା Flubendiamide ୪୮୦ SC @ ୪୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଟୀକା ରୋଗ -**

ଏହି ରୋଗର ପରିଚାଳନା ପାଇଁ ୪୦୦-ଗ୍ରାମ କ୍ଲୋରୋଥାଲୋନୀଲ (Chlorothalonil)ନାମକ ଫିମ୍ପିନାଶକ କିମ୍ଵା ୬୦୦-ଗ୍ରାମ ମାଙ୍କୋଜେବ(Mancozeb) ନାମକ ଫିମ୍ପିନାଶକ କିମ୍ଵା ୩୦୦-ମି.ଲି ହେକ୍ସାକୋନାଜୋଲ(Hexaconazole) ନାମକ ଫିମ୍ପିନାଶକ ଏକର ପ୍ରତି ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ମୁଗ**

**ପାଉଁଶିଆ ରୋଗ-**

ମୁଗ ଫସଲରେ ପାଉଁଶିଆ ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୮୦୦ଗ୍ରାମ Sulphur ନାମକ ଫିମ୍ପିନାଶକ କିମ୍ଵା ୩୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ଵା ୨୦୦ ମିଲି Propiconazole ନାମକ ଫିମ୍ପିନାଶକ କିମ୍ଵା ୧୦୦ -ମିଲି Penconazole ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ ।

**କଦଳୀ:**

**ପତ୍ରଦାଗ ବା ସିଗାଟୋକା ରୋଗ-**

କଦଳୀରେ ପତ୍ରଦାଗ ବା ସିଗାଟୋକା ରୋଗ ର ପରିଚାଳନା ପାଇଁ ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ଵା ୩୦ ଗ୍ରାମ chlorothalonil ନାମକ ଫିମ୍ପିନାଶକ, ମିଶାଇ ଗଛ ଲଗାଇବାର ୪ ମାସ ପରେ ୧ ମାସ ଅନ୍ତରରେ ଦୁଇ ରୁ ତିନି ଥର ସିଂଚନ କରନ୍ତୁ ।

**ବାଇଗଣ ଓ ଟମାଟୋ :**

**ଝାଉଂଳା ଓ ମୂଳ ସଢା-**

ବର୍ଷା ପରେ ବାଇଗଣ ଓ ଟମାଟୋ ଫସଲରେ ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୨୦୦ ଲିଟର ପାଣିରେ ୨୦୦ ମିଲି Tebuconazole ଓ ୨୦ଗ୍ରାମ Streptocycline କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।

**କଖାରୁ ଜାତୀୟ ପନିପରିବା:**

**ନିମ୍ନମୁଖୀ ପତ୍ରପାଡା ରୋଗ**

ବର୍ଷା ପରେ କଖାରୁ ଜାତୀୟ ପନିପରିବା ଫସଲ ଯଥା କଖାରୁ, କାକୁଡି, କଲରା, ଜହ୍ନି, ପୋଟଳ ,ଲାଉ ଇତ୍ୟାଦି ଫସଲରେ ନିମ୍ନମୁଖୀ ପତ୍ରପାଡା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ଗ୍ରାମ କାରବେଣ୍ଡାଜିମ ଏବଂ ମଙ୍କୋଜେବ (Carbendazim ଏବଂ Mancozeb) ର ମିଳିତ ଫିମ୍ପିନାଶକ କିମ୍ଵା Azoxystrobin+Tebuconazole @ ୦.୬ ଗ୍ରାମ ମିଶାଇ ସିଂଚନ କରନ୍ତୁ।

**ଆମ୍ବ:**

**ଆମ୍ବ ଡାହାଣୀ ପୋକ**

ଆମ୍ବ ଡାହାଣୀ ପୋକର ନିୟନ୍ତ୍ରଣ ପାଇଁ Imidacloprid ୧୭.୮ % SL @ ୫ ମିଲି କିମ୍ଵା Thiamethoxam ୨୫% W.G @ ୩ ଗ୍ରାମ କିମ୍ଵା Acetamiprid ୨୦% S.P. @ ୪ ଗ୍ରାମ ୧୫ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଆମ୍ବ ଗଛ ମୂଳ ରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା କମି ଯାଇଥାଏ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଅଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**